GOVERNMENT OF INDIA
NATIONAL LIBRARY, CALCUTTA.

Or

Class No. 891.451

Book No. M299sa

N. L. 38.

MGIPC—S8—21 LNL/59—25-5-60—50,000.

ଯାତ୍ରୀ

ଶ୍ରୀ ରାଜକିଶୋର ମହାନ୍ତି ।

No. 2.317
Date 3-1-56
CALCUTTA

ଉତ୍ସର୍ଗପତ୍ର ।

ଚତୁର୍ବର୍ଗପ୍ରଦାନାୟ ଚତୁରାଶ୍ରମକର୍ମ୍ମଣାଂ
ସଫଲତ୍ୱବିଧାନେ ଚ ଚରଂ ଶ୍ରୀଗୁରବେ ନମଃ ।

ଅନଶମତ୍ପୂଜ୍ୟାଙ୍ଘ୍ରିପଦ୍ମାଧ୍ୟାପକ,
ସତତେତରଗୁଣବୃନ୍ଦନ୍ୟୂନ,
ବିବେକବାଣ୍ୟନୁପ୍ରାଣିତକର୍ମ୍ମା,
ଅସ୍ମଦୋଷଦ୍ୱଦୃକ୍ଷୁ,
ମହାନୁଭବ
ଶୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ମଧୁସୂଦନ ରାଓ ମହୋଦୟଙ୍କର
ଶ୍ରୀ କରକମଳରେ ଏହି କ୍ଷୁଦ୍ର ପୁସ୍ତକଖଣ୍ଡି
ଆନ୍ତରିକ ଭକ୍ତିସହିତ
ଉତ୍ସର୍ଗୀକୃତ ହେଲା ।

OR 891.451 M299 ba
SHELF LISTED

ଇଣାହିଣ୍ଡା	ନିତ୍ୟଆଶୀର୍ବାଦପ୍ରାର୍ଥୀ
୨ । ୨ । ୧୯୦୬	ଶ୍ରୀବ୍ରଜକିଶୋର ମହାନ୍ତି ।

ସାବିତ୍ରୀ

(ପୂର୍ବଭାଗ ।)

ରାଗ ଆଷାଢ଼ଶୁକ୍ଳ ।

ମଦ୍ର ରାଜଧାନୀ ଶୋଭା ଅମିତ
ପୁଷ୍ପିତ ଉଦ୍ୟାନେ ସଦା ମଣ୍ଡିତ,
ରାଜେ ପୁଣି ନାନା ଚିତ୍ର ଭବନ
ସ୍ଥାନେ ସ୍ଥାନେ ଅଛି ବହୁ ଆପଣ
ହର୍ମ୍ୟମାନ ତହିଁ,
ତୁଷାର ଗିରି ଉପମା ଧରଇ । ୧ ।

ତହିଁ ଅଶ୍ୱପତି ଥିଲେ ଭୂପାଳ
ପ୍ରଜାପୁଞ୍ଜ ସୁଖେ କାଟନ୍ତି କାଳ
କରୁଥାନ୍ତି ନୃପ ଋଷି-ଅର୍ଚ୍ଚନା
ଶୁଣୁଥାନ୍ତି ପୁଣି ଶାସ୍ତ୍ର-ବର୍ଣ୍ଣନା
ନିତ୍ୟ ଧର୍ମାସକ୍ତ,
ମୃଗୟାରେ ଥିଲେ ଅତି ବିରକ୍ତ । ୨ ।

ଦେବ-ସେବାରତ ସେହି ରାଜନ
ପବିତ୍ର ଯତି ସତ୍ୟପରାୟଣ,

ଦେବର୍ଷିମାନଙ୍କ ପୂଜାର ଯୋଗ୍ୟ,
ସାଗରସହ ଧରା ଯାର ଭୋଗ୍ୟ
ସେ ନରବରେଶ,
ସନ୍ତାନଲାଭେ ସନ୍ତପ୍ତ ବିଶେଷ । ୩ ।
ବହୁକାଳ ରାଣୀ ସଙ୍ଗେ ନୃପତି
ପାଳିଲେକ ବ୍ରତ କଠିନ ଅତି,
ସେବିଲେ ସତତ ଜୀବସକଳେ
ବହୁ ଆଶୀର୍ବାଦ ସଞ୍ଚୟ କଲେ
ତଥାପି କାମନା,
ନ ପୂରିଲା ମନେ ହେଲା ବେଦନା । ୪ ।
ତେଣୁ ଅଶ୍ୱପତି ଅଶ୍ୱଯଜନ
ଆରମ୍ଭିଲେ ଗେହେ କରି ଯତନ,
ଯଜ୍ଞମଧ୍ୟୁଁ ନାରୀମୂର୍ତ୍ତି ସୁନ୍ଦରୀ
ବାହାରିଲେ ସତୀ ତର·ଅମରୀ,
ବୋଇଲେ ରାଜେନ୍ଦ୍ର !
ତବ ପରେ ତୁଷ୍ଟ ସର୍ବଦେବେନ୍ଦ୍ର । ୫ ।
ଦୁଃଖମୋଚନେ ଅମରଆଦେଶେ,
ଉପଜିଥିଲି ତବ ପୂତଦେଶେ,
ମୋ ନାମ ସାବିତ୍ରୀ ଜାଣ ରାଜନ,
ମାଗ ରେ ବର ଯାହା ତୋ କାମନ,
ଏଥି ମୁଁ ବରଦା
ତୋ ଦୁଃଖନାଶେ ତତ୍ପରା ସର୍ବଦା । ୬ ।

ଭାଷା ଶୁଣି ରାଜା ମାଗିଲେ ବର
ଦିଅ ଗୋ ସତି ମୁଁ ତବ କିଙ୍କର
ଅଛି ଗୋ କରୁଣା ଦାସ ଉପରେ,
କରୁଣାମୟୀ ଖ୍ୟାତି ଏ ବିଶ୍ୱରେ,
ଏହି ମୋ ପ୍ରାର୍ଥନା,
ହର ଦେବୀଶ୍ୱରି ପୁତ୍ରବେଦନା । ୭ ।
"ଅସ୍ତୁ" ବୋଲି ସ୍ୱର୍ଗେ ଚଳିଲେ ଦେବୀ
ଫେରିଲେ ରାଜା ଦେବୀ-ପଦ ସେବି
ଭାବିଲେ ମନେ ମନେ ସତୀକଥା,
ମଣିଲେ ଯିବ ପୁତ୍ର ଦୁଃଖବ୍ୟଥା,
ପ୍ରସନ୍ନ ଅନ୍ତରେ,
ଯେସନେ ଦଶରଥ ସୂର୍ଯ୍ୟବଂଶରେ । ୮ ।
ଶୁଦ୍ଧାନ୍ତେ ପଶି ସୁଧାସମବାଣୀ,
ଭାଷିଲେ ଭୂପତି ବସାଇ ରାଣୀ,
କହିଲେ ସର୍ବ ପୂର୍ବ ବିବରଣ,
ଶୁଣି ମହିଷୀ ଆନନ୍ଦେ ମଗନ,
କୌଶଲ୍ୟା ଶୋଭନା,
ପୁତ୍ର ଆଶେ ଯେସନେ ଆନନ୍ଦମନା ୯ ।
କେତେଦିନେ ଦେବୀ ହେଲେ ଗର୍ଭିଣୀ
ତେଣୁ ସୁନ୍ଦରୀ ଶିଥିଳଗାମିନୀ
ମୃତ୍ତିକାଭକ୍ଷଣେ ବଳିଲା ମତି
ଦେଖି, ସୁଖୀ ହେଲେ ସେ ନୃପପତି,

ଉଦିଲେ ହୃଦୟେ,
ସତୀ ଆଦେଶ ଫଳିଲା ନିଶ୍ଚୟେ ୧୦ ।
ଅରୁଚି ଅବସ୍ଥା ହୁଅନ୍ତେ ଗତ
ପୁଷ୍ଟ ହେଲା ରାଣୀ ଦେହ ଶ୍ରୀମନ୍ତ
ପୟୋଧରେ ନୀଳ ଆଭା ଆସିଲା,
କମଳ କୋରକେ ଭୃଙ୍ଗ ବସିଲା,
ପରାସ୍ତ ଦଶିଲା,
ହେଲେ ଆନନ୍ଦିତ ନୃପମହିଳା । ୧୧ ।
ଗୃହୁଁ ଗୃହୁଁ ଦଶମାସ ପୂରିଲା
ଶୁଭେ ବାଳିକା ଜନ୍ମ ହେଲା,
ରୂପ ଉଜ୍ଜ୍ୱଳିଲା ସୂତିକାଗାର,
ଶୁଣି ଧାଇଁଲେ କୁଟୁମ୍ବନିକର,
କହିଲେ ଭୂଦେବ,
ପୂରିଲା କାମନା ପ୍ରସନ୍ନ ଦେବ । ୧୨ ।
କନ୍ୟା ଜନ୍ମ ଶୁଣି ସୁଖେ ରାଜନ
ବାଣ୍ଟିଲେ ସର୍ବେ ଅନ୍ନ ବସନ,
ନ ଥିଲେ ଦୋଷୀଏ ବନ୍ଦୀ ଭବନେ
ମୁକ୍ତି ଦେଲେ ଯାଙ୍କୁ ଆନନ୍ଦମନେ,
ସ୍ୱଦେହୁଁ ସେ ରେଣୁ,
ଝାଡ଼ିଲେ ନିଃସନ୍ତାନ-ଦୋଷ-ରେଣୁ । ୧୩ ।
ସର୍ବ ସୁଲକ୍ଷଣୀ ମାତା ଯେସନ
ଶୋଭା-ପ୍ରତିମା ଦୁହିତା ତେସନ,

ପ୍ରସୂତି ସୁତାର ନୁହେ ଅନ୍ତର
ଯାତ୍ର ପ୍ରଦୀପୁଁ ପ୍ରଦୀପ ଇତର
ଜାଳିଲେ ଯେସନ
ନୁହେ ପ୍ରଭେଦ ଜଗତେ, ତେସନ । ୧୪ ।
ଧରାଧାମେ କ୍ରମେ ବଢ଼େ ଜାହ୍ନିକା
ଦମ୍ପତି ହରଷେ ଦେଖି ବାଳିକା
ନିମନ୍ତ୍ରି ବନ୍ଧୁ କୁଟୁମ୍ବମାନଙ୍କରେ
ପୁଚ୍ଛିଲେ ଏଙ୍କ ନାମ ଶୋଭେ ଲୋକରେ,
କହ ହେ ସତ୍ୱର
ଯେହୁ ନାମେ ନାମଧାରିଣୀ କର । ୧୫ ।
ତାହା ଶୁଣି ସର୍ବେ କହିଲେ ରାଜେ
ସାବିତ୍ରୀବରେ କନ୍ୟା ଗେହେ ରାଜେ,
ତେଣୁ ସାବିତ୍ରୀ ନାମ ଏ କନ୍ୟାର
କର ହେ ରାଜା ନ କର ବିଳମ୍ବ,
ତେଣେ ଦେବୀରୂପ
ସଙ୍ଗତେ ତେଜସ୍ୱିନୀ ହେ ଭୂପ । ୧୬ ।
ଯେ ନାମ ରାଜା ପୁଚ୍ଛିଲେ ରାଣୀଙ୍କ
ଭଣିଲେ ରାଣୀ ମୋ ହୃଦମାନିବାଣୀଙ୍କ
ଏଥୁ ହେଉ ନାମ ପ୍ରାଣଧାରିଣୀଙ୍କ
ସାବିତ୍ରୀ ବରେ ଲଭିଥା ଧନୀଙ୍କ,
ଶୁଣି ପ୍ରାଣଧନ,
ସେ ଅଭିଳାଷୀ ଦାସୀ ଭିକ୍ଷା ପ୍ରାର୍ଥନ । ୧୭ ।

ସେହିକାଳେ କାମଯୁକ୍ତା ସୁନ୍ଦରୀ
ବଢ଼ିଲା କଳାକରକଳା ପରି,
ଲଭି ଯଉବନ ସେ ମନୋରମା
ଦିଶିଲା ଯେହ୍ନେ ଉମା କିମ୍ବା ରମା,
ଭାବିଲେ ଦମ୍ପତି
କାହୁଁ ମିଳିବ ଯଥାଯୋଗ୍ୟପତି । ୧୮ ।
ବରବିରଲଭେ ଲଭି ଅଶଙ୍କା
ବରବରଣୀ ନୋହେ ବରେ ରଙ୍କା,
ଦେଖି ସଖୀଏ ପୁଚ୍ଛିଲେ କାମୀକି
କି ଗୋ ସଙ୍ଗିନି ନ ଖୋଜ ସ୍ୱାମୀକି,
ଥିବ କି ବାସରେ,
ଏହା କି କନ୍ୟାର ଯୋଗ୍ୟ ବୟସରେ । ୧୯ ।
ଶୁଣି ସୁନ୍ଦରୀ ଅମରୀ-ମୂରତି
ସାବିତ୍ରୀବରେ ସାବିତ୍ରୀ ସେ ସତୀ,
ନ ଦେଲେ ଉତ୍ତର ମୁଖ-ବକ୍ରତି
ଦେଖି ସଖୀଏ ନ ବୁଝି ବସ୍ତୁତି,
କହିଲେ ରାଣୀଙ୍କି
ନୋହେ ସଙ୍ଗିନୀ ପତିକାମିନୀକି । ୨୦ ।
ଶୁଣି ଜନନୀ ଭାବିଲେକ ମନେ
ଅଭାବ ବରରମଣ ଭୁବନେ
ତେଣୁ ସାବିତ୍ରୀ ନ କରେ କାମନା
ସ୍ୱୟମ୍ବରେ ବର ବରୁ ଶୋଭନା,

କହିଲେ ପଣ୍ଡିତ
କର ସ୍ୱୟମ୍ବର ଦିଅ ସତୀଙ୍କ । ୨୧ ।
ତେଣୁ ଭୂପତି ପୁଚ୍ଛିଲେ ଗୋପନେ
କହ ଜୀବଧନ କି ଅଛି ମନେ
ସ୍ୱୟମ୍ବରେ ଇଚ୍ଛା ଅନିଚ୍ଛା କିବା
କହିଲେ ପ୍ରଭାତେ ଦୂତ ପେଷିବା,
କହ ଲୋ ସୁନ୍ଦରି,
ଯୌବନେ କନ୍ୟା ଗୃହେ ଅସୁନ୍ଦରୀ । ୨୨ ।
ପିତା ବାକ୍ୟ ଶୁଣି ସାବିତ୍ରୀ ସତୀ
ଭାଷିଲେ ଜନକେ କ୍ଷୀଣ ଭାରତୀ,
ଅଛି ମୋ ଇଚ୍ଛା ବନଦରଶନେ,
ଦେଖିବି ବିଧିମିଳନ ଭ୍ରମଣେ,
ପେଷ ହେ ଚଞ୍ଚଳ
ଅନ୍ୟ କାରଣେ ଉତ୍ତର ବିଫଳ । ୨୩ ।
ତେଣୁ ଭୂପତି ବୃଦ୍ଧମନ୍ତ୍ରିଗଣେ,
ଆଦେଶିଲେ ସୁତା ଆଗେ ତକ୍ଷଣେ,
ଭେଟାଅ ଆଣି ସୁଗମ ସ୍ୟନ୍ଦନ
ଯାଅ ସଙ୍ଗେ ମୋର ଜୀବଜୀବନ
ଜେମା ସୁଲକ୍ଷଣୀ
ଦେଖାଇବ ବନେ ଋଷି-ରମଣୀ ୨୪ ।
ବୃଦ୍ଧଅମାତ୍ୟେ ଭେଟାଇଲେ ରଥ
ବସିଲେ ଜେମା ଜନନୀ-ସୁରଥ,

ଚଳିଲା ରଥ ଜିଣି ଉଲ୍‌କାସମ
ପ୍ରବେଶିଲେ କ୍ଷଣେ ତପସ୍ୟାବନ
ଦେଖି ପୁଣ୍ୟବନ
ପ୍ରଣମିଲେ ଦେବୀ ତେଜି ସ୍ୟନ୍ଦନ । ୨୫ ।
ତୀର୍ଥେ ବିତରିଲେ ଧନ ରତନ
ଯେ ଧନ ପରେ ନୁହଏ ଭୋଗଧନ,
ସେବିଲେ ସତୀ ଋଷି-ସେବ୍ୟମାନ
ପ୍ରସନ୍ନ ତପୋଧନ ତପୋଧନା,
ଭାଷିଲେ ଭାଷଣ
କି ଏ ସୁନ୍ଦରୀ ! କାହୁଁ ଗୋ ଭବନ ? ୨୬ ।
ହୋଇଛ ସତୀ ଅମରୀ ସଦୃଶୀ
ମେନକା କମ୍ବା ରମ୍ଭା ଉର୍ବଶୀ,
କହେଲୁ ସୁନ୍ଦରୀ ଏଥି ଆସିଲ
ଅମ୍ଭ ତପ କି ସହି ନ ପାଇଲ,
ତପୋଭଙ୍ଗ ଆଶେ,
ଆସିଲ ଶୋଭନେ ତପସ୍ୱି ବାସେ । ୨୭ ।
ତେଣୁ ସାବିତ୍ରୀ ଦେଲେ ପରିଚୟ
ବନ ଦର୍ଶନେ ତେଜଲି ନିଳୟ,
ଦଅ ଗୋ ଦୋହାଯୃ ତାପସି ସତି
ଚିର ଜୀବନ ମୋ ଘେନ ପ୍ରଣତି,
ଏହି ମୋ ପ୍ରାର୍ଥନା
କୁହ ଦାସୀ ପ୍ରତି ପ୍ରସନ୍ନମନା । ୨୮ ।

ବନାନ୍ତରେ ସଙ୍ଗ କଲେ ପ୍ରସ୍ଥାନ
ଯେ ବନେ ତପୀ ଅଛେ ସତ୍ୟବାନ,
ଦେଖି ତାହାଙ୍କୁ ଭାବିଲେ ମନରେ
ନିଶ୍ଚେ ମୁଁ ବରିବି ଏ ତପୀବରେ
ଫେରିଲେ ଭବନେ
ସ୍ତୁତି ଭଗବାନ ବିଘ୍ନନାଶନେ । ୨୯ ।
ଏଣେ ନାରଦ ଦେବର୍ଷିବର
ପ୍ରବେଶିଲେ ସ୍ୱର୍ଗୁ ଭୂପ ପାଶର,
ତେଣୁ ରାଜୋତ୍ତମ ଋଷି-ସତ୍ତମେ
ଭାଷିଲେ, ସେବି ସୁପୂଜନକ୍ରମେ,
ହେ ଦେବର୍ଷିବର
କିପାଁ ପବିତ୍ରିଲ ମୋର ନଗର । ୩୦ ।
ମହାପାତକୀ ମୁଁ ଅସାଧୁବାସୀ
ପ୍ରଜାଦୋଷେ ମୁନେ ନିଶ୍ଚିତ ଦୋଷୀ,
ତୁମ୍ଭେ ସୁପବିତ୍ର ବିଧିନନ୍ଦନ,
ଦେଖି ପୁଣ୍ୟମୂର୍ତ୍ତି ତବ ଚରଣ
ଲଭିଲି ମୁକତି
ହେଲା ମର୍ତ୍ତ୍ୟଦେଶ ଦେବ-ବସତି । ୩୧ ।
ଶୁଣି ତବ ଦୂତ ବୀଣାକ୍ୱଣନ
ହେଲା ସ୍ଥିର, ପାପଭ୍ରମତର୍ଜନ
ଯେହ୍ନେ ଦସ୍ୟୁଙ୍କୁ ପ୍ରଜେଶକୋପନ
କରେ ଶାନ୍ତ, ପ୍ରଜାଦୁଃଖବର୍ଦ୍ଧନ,

ହେ ଦେବ ମୋହନ
ଭପାଁ ମୋହିଲ ଏ ପାପିଜୀବନ । ୩୨ ।
ଏହମନ୍ତେ ଗଲ୍ପ କଳ୍ପିବା କାଳେ
ଦେଖିଲେ ଦେବର୍ଷି ରାଜର୍ଷି ତାଳେ,
ଚରଣେ ପ୍ରଣମି ସାବିତ୍ରୀ ସତୀ
ଭଷ୍ଟିଲେ ପିତା–ଅନ୍ତିକେ ସନଛ,
ପୁଚ୍ଛିଲେ ନାରଦ
କାହିଁ ଯାଇଥିଲ କନ୍ୟାସମ୍ପଦ । ୩୩ ।
ବଖାଣିଲେ ଭୂପ ହେତୁ ସକଳ
ଯେଣୁ ପ୍ରେରିଲି ମୋ କନ୍ୟାସମ୍ବଳ,
ମନୋମତ ବରଲାଭେ ଆଶଙ୍କା
ଲଭି ଦୁହିତା ନୋହେ ବରେ ରଙ୍କା
ଯୌବନେ ହେଁ ମୁନେ
ପିତୃଗୃହେ କନ୍ୟା ରହେ ନାଉନେ । ୩୪ ।
ଶୁଣି ନାରଦ ପୁଚ୍ଛିଲେ ଗୋ କନ୍ୟେ
କେଉଁ ବର ତୁମ୍ଭେ ଇଚ୍ଛିଲ ମନେ
କହ ପରକାଶି ଭାବପଦ୍ଧତି,
କର ଗୋ ସନ୍ଦେହହାନ ମଧିକ
ଶ୍ରବଣେ ଉତ୍କଣ୍ଠା,
ଅଛୁ ଗୋ ସତି ଭୂପ ପିକକଣ୍ଠା । ୩୫ ।
ଶାଲ୍ୱଜନ୍ମୁଣୀ କି ଲକ ପାଇ
ରହିଲେ ମଉନେ ତୁମ୍ଭେ ଅନାଇଁ

ଭାବିଲେ ଜସ ଦେବୀ ମନେମନେ
ପ୍ରକାଶିଲେ ତହୁଁ ଭକ୍ତି-ବଚନେ,
ପତି ସତ୍ୟବାନ
ଯାର ପିତା ଦ୍ୟୁମତ୍ସେନ ରାଜନ । ୩୬ ।
ଦେଖିଲି ତହିଁ ସେ ଋଷିନନ୍ଦନେ
ଷ୍ଟୁରଇ ବାମନେତ୍ର ମୋ ତିକ୍ଷଣେ,
ଜନମିଲା ମନେ ପ୍ରେମରହସ୍ୟ
ଭାବିଲି, ମୋର ଏ ପ୍ରାଣବୟସ୍ୟ
ହେବେ, ବଶ୍ୟବଧି
ଗଢ଼ିଛି ନଷ୍ଟେ ମୋ ପକ୍ଷଣନିଧି । ୩୭ ।
ଅତି ତେଜସ୍ୱୀ ସେ ଋଷିକୁମର
ବିଜୁଳିରେ ବା ଗଢିଛି ଈଶ୍ୱର
ଆଖି ଝଲସେ ସେରୂପକୁ ଚାହିଁ,
ଜଗତ ଉଦ୍ଧାର କରିବା ପାଇଁ,
ସତେକି ଧରମ,
ନରରୂପେ ମଣ୍ଡିଛନ୍ତି ସେ ବନ । ୩୮ ।
ତାଙ୍କ ପିତୃଦେବ ତପସ୍ୟାରତ
ମୌନବ୍ରତଧାରୀ ନେତ୍ର ମୁଦ୍ରିତ
ଅଟନ୍ତି ସେ ସେତୁ ଭବ-ସାଗରେ
ତାଙ୍କ ଯୋଗୁଁ ବଣ ଦୁଇ ଭାସ୍ୱରେ
ଶୋଭୁଛି ଯେସନ,
ମୋହଧ୍ୱାନ୍ତନାଶୀ ଋଷି-ସତ୍ତମ । ୩୯ ।

ପ୍ରଧାନ ଗୁରୁ ସେ ସିଦ୍ଧିପଥର
ସନ୍ତୋଷରୂପ ସୁଧାର ସାଗର
ପ୍ରବୃତ୍ତି ସମ ପୁଣ୍ୟ ସଞ୍ଚୟର,
ବିପତ୍ତିର ଅଇ ଶୂନ୍ୟ-ମନ୍ତ୍ରର
ସେ ତପସ୍ୱୀସାର,
କ୍ଷମା ଜଳର ଅଟନ୍ତି ଆଧାର । ୪୦ ।
କହି ନୁହେ ତପୋବନ ମହିମା
ନାନାପାଦପେ ନାହିଁ ସେ ସୀମା
ଆହୁତିଧୂମେ ବାସେ ସର୍ବସ୍ଥଳୀ
ଭକ୍ଷ୍ୟ ଭକ୍ଷକ ଖେଳୁଛନ୍ତି ମେଳ,
ଯେ ଦୃଶ୍ୟ ଅଦ୍ଭୁତ,
ରଖଇ ଟାଣି ଦର୍ଶକର ଚିତ୍ତ । ୪୧ ।
ଗରଗଡ଼ି ଆଉ ନୀବାରଧାନ
ଜମା ହୋଇଛି ବହୁପରିମାଣ
ଅତିଥିସେବାରେ ସର୍ବେ ତତ୍ପର
ଚାହୁଁଛି କେବଳ ଆନନ୍ଦଝର,
ସତେକି ଅପର,
ବ୍ରହ୍ମଲୋକ ଆସି ବସେ ମର୍ତ୍ତ୍ୟର । ୪୨ ।
ତେଣୁ ଦୃଢ଼ସତ୍ୟ କଲି ମୁଁ ମନେ
ନିଶ୍ଚେ ରହିବ ମୁଁ ଏ ତପୋବନେ,
ଯାହା ଦେବ ପଛେ ଦେଉ ବିଧାତା
କେବେ ସତ୍ୟ ମୋ ନ ହେବ ଅନ୍ୟଥା,

ଦୃଢ଼ ଛନ୍ଦବାରେ
ତଦା ପ୍ରଶଂସା ସମ ମୋହଠାରେ । ୪୩ ।
ମୋ କାନ୍ତ ଉଦନ୍ତ ଶୁଣିବ ଯେବେ
ଜନ୍ମବୃତ୍ତ ବିସ୍ତାରି ଗାଉଛ ତେବେ,
ଦ୍ୟୁମତ୍ସେନ ମୋର ଭାବି ଶ୍ୱଶୁର
ତାଙ୍କ ଜନ୍ମଭୂମି ଭୂପତିପୁର
ସେ ଥିଲେ ନୃପତି,
ବିଧି-ବିଧାନେ ହେଲେ ଅଧୋଗତି । ୪୪ ।
ଯେଉଁ ରାଜ୍ୟଲୋଭେ ସର୍ବକୌରବେ
ତର୍ଦ୍ଧୋପେ ବନସ୍ଥ କଲେ ପାଣ୍ଡବେ,
ତେହ୍ନେ ଭ୍ରାତୃବର୍ଗ ମୋର ଶ୍ୱଶୁରେ
ରାଜ୍ୟୁଁ ତଡ଼ାଇ ବସିଲେ ସେ ପୁରେ
ଶୁଣ ହେ ମୁନୀନ୍ଦ୍ର,
ତାଙ୍କ କୁମର ସତ୍ୟବାନ-ଇନ୍ଦ୍ର । ୪୫
ପତିରୂପଗୁଣ ସଜନାଗାର
ନୁହେ ଖୋଜା ପତିସେବାହିଁ ସ୍ଥିର,
ଯେବେ ମୁଁ ନଷ୍ଟ ହୋଇଥିବ ସତୀ
ପତିହିଁ ମୋହର ସର୍ବସମ୍ପତ୍ତି,
ତେବେ ନଷ୍ଟ ହଇ
ଦେବେ ମୋ ପ୍ରାଣେଶ୍ୱରେ ବସୁନ୍ଧରୀ । ୪୬ ।
ଭାଷିଲେ ଦେବର୍ଷି ହୋଇ ଗମ୍ଭୀର
ଶୁଣିଲ ଶୁଣିଲ ବୃଥା ପୂଛଟିର,

ତୁ ଅଟୁ ସତ୍ୟ ଯୁବତୀରତନ
ରାଜନନ୍ଦିନୀ ରାଜେନ୍ଦ୍ରଭୂଷଣ,
ସେହୁ ତପୀବର
ସଂସାର-ନାରୀଯୋଗ ଅସୁନ୍ଦର । ୪୭ ।
ବନଚାରୀ କଷ୍ଟ ବନବାସିନୀ
ଜାଣେ ସର୍ବଶେଷେ ଯେ ତପସ୍ୱିନୀ
ସେ ଭୋଗ ଏ ଦେହେ ନ ହେବ ସହ
ନ କର କାମନା ଗୋ ନୃପ-ସହ
ଜଳେ ମିଳେ ଜଳ
ଅନ୍ୟେ ମଗନ ଭୂଷଣ କେବଳ । ୪୮ ।
ରୂପେ କନ୍ଦର୍ପ, ଗୁଣେ ବୃହସ୍ପତି
ଶ୍ରେଷ୍ଠ ଧର୍ମିଷ୍ଠ ପୁଣ୍ୟତମ ଯତି
କିନ୍ତୁ ଗୂଢ଼େ ଅଛୁ ଏକଦୂଷଣ
ଯେତେ ସଭୂଷଣ ପରିଭୂଷଣ
ଲଭେ ଅନାଦର
ତେତେ ସାବଧି ଗୋ କର ଅନ୍ତର । ୪୯ ।
ଭାଷିଲେ ସାବିତ୍ରୀ ଶୁଣ ହେ ଯତି
ଦୁଃଖ-ସୁଖକର୍ତ୍ତା ଜଗତ-ପତି
ସୁଖୀ ଭୋଗିବ ସମସ୍ତେ କଷଣ
ଦୁଃଖୀ ଭେଟିବ ସୁଖ ତେସନ,
ହୋଇ ଅବହିତ
ସକଳମୂଳ ବିଧି ବିଶ୍ୱହିତ । ୫୦ ।

ଥିଲି ତପେ ମୁହିଁ ରାଜ-ଦୁହିତା
ହେବ ବନେ ପତି-ଯତି-ଶୋଭିତା,
ହେବ ମୋ ନାରୀ ଜନମ ସଫଳ
ସେବିବି ପତି-ଚରଣଯୁଗଳ,
ଅଶ୍ୱପତି ସୁତା
ଉତ୍ତର ଚାରଣ ହେ ଦୟାମୟ । ୫୧ ।
ବିସ୍ମୟେ ରାଜା ପୁଛିଲେ ହେ ଯତି,
କି ଦୋଷ ଅଛି କହ ମୋର କତି,
ଜନ୍ମକଷ୍ଟେ ପାଇଅଛି ରତନ
କପଟ କଲେ ଲଭିବ ପାତନ,
କହ ମୁନିବର
କହ ଦୋଷାଦୋଷ ମୋର ଆଗର । ୫୨ ।
ତୁମ୍ଭେ ଦେବର୍ଷି ଦେବତା-ପୂଜ୍ୟ
ଦୁଃଖ-ମୋଚନେ ଭ୍ରମ ବିଶ୍ୱରାଜ୍ୟ,
ମହାଦୁଃଖୁଁ ତ୍ରାହି ହେ ମୁନିବର
ମୋର ଶରଣ ତବ ଶ୍ରୀପୟର,
ଏ କନ୍ୟାରତନେ
ଦେହ ସୁଦେଷ୍ଣାରେ ପ୍ରସନ୍ନମନେ । ୫୩ ।
ନଇଲେ ଦେବର୍ଷି ବଖାଣି ଦୋଷ
ଜ୍ୱଳିଲା ରାଜା ମନେ ଶୋକରୋଷ,
ସମ୍ବତ୍ସର ଶେଷେ ପୂରିବ ବୟ
ଯିବ ଜାମାତା ଭବୁଁ ଯମାଳୟ,

କନ୍ୟା ଏକ ଏବ
କପଟ ନଜେ କାଳମୁଖେ ଦେବ । ୫୪ ।
ଭୂପତି ଗୃହେଁ ସାବିତ୍ରୀବଦନେ
କହିଲେ ମା ଶୁଣ ଶୁଭଭାଷଣେ,
ବର ନା ବର ନା ହେ ପ୍ରାଣଧନ
ଦୁଃଖ-ସାଗରେ ନକର ମଗନ,
ନ ଇଚ୍ଛ ଲଭେ ବନ,
ନୁଅ ରାଜ-ଗଳା-ମାଳା-ରତନ । ୫୫
ଶୁଣି ସାବିତ୍ରୀ ଅକାତରମନେ
କହିଲେ ହେ ପିତଃ ଭୁଲ କେମନେ,
ମୁଁ ଅଟେ ସତୀ ସତ୍ୟ ମୋ ଜୀବନ
ଜାଣୁ ଜାଣୁ କିପାଁ ଭ୍ରଷ୍ଟ ଏମନ,
ସେହି ତପୋଧନ
ନଷ୍ଟେ ମୋ ପ୍ରାଣେଶ ବିଧିସର୍ଜନ । ୫୬ ।
କରିଛି ମନେ ସତ୍ୟ ତିନବାର
ନଷ୍ଟେ ମୁଁ ବରିବ ସେ ତପୀବର,
ଯେବେ ମୁଁ ହତ ପତିହିଁ ମୋ ବ୍ରତ,
ତେବେ ନଷ୍ଟେ ବନ୍ଧ-ବଧି ସତତ,
ଦେବେ ପତିସେବା
ତେବେ କିପାଁ ମନେ କରୁଛ ଏବା । ୫୭ ।
ସତୀପତିସେବା ବିଶ୍ୱକରତା
କେବେ ଅନ୍ୟଥା ନ କରିବେ ପିତା,

ମେଘ ବିଦ୍ୟୁତ ସମ୍ବନ୍ଧ ସୁଚିର
ନଦୀ ସାଗର ମିଳନ ସୁଧୀର
ନଚିନ୍ତି ହେ ମନେ
ଇଷ୍ଟେ ମୁଁ ବରିବ ସେ ତପୋଧନେ । ୫୮ ।
କୋଳେ ଧରି ସୁତା ସେ ରାଜରାଣୀ
ବୋଲିଲେ ବହୁକଥା ବଖାଣି,
ତୁ ଅଟୁ ଧନ ! ମୋ ଜୀବଜୀବନ
ତୋର ବିନୁ ହେବ ସବୁ ବିଜନ
କହ କି କରିବ
ରାଜନନ୍ଦିନୀ ବନେ ପଠାଇବି । ୫୯ ।
ଯାର ଯୋଗୁଁ କେତେ କଷ୍ଟ ଭୋଗିଲି
ମହାଯଜ୍ଞ ସାଧି କାଳ କାଟିଲି,
ଯାର ଯୋଗ୍ୟ ବର ରାଜକୁମର
ତାକୁ ପଠାଇବି ଘୋର ବନର
ହେବ ତପସ୍ୱିନୀ
ବିଧି ! ପକାଅ ମୋ ଶିରେ ଅଶନି । ୬୦ ।
ଏହିମତେ ମାତା କରି ରୋଦନ
କହିଲେ ଧନ ଶୁଣ ମୋ ବଚନ
ନ କର ଲୋ ବନବାସ କାମନ
ବାଳକାଳଦୋଷ ନଷ୍ଟେ ଖଣ୍ଡନ
କରିବେ ବିଧାତା
ବର ରାଜପୁତ୍ରେ ହୁଅ ଶୋଭିତା । ୬୧ ।

ଭଷିଲେ ସାବିତ୍ରୀ ଶୁଣ ଜନନୀ-
କପାଁ ବଳପି ଉପାଅ ଧରଣୀ,
ମୋର ଜୀବନ ସତ୍ୟରେ ଗଠିତ
କେବେ ସତ୍ୟ ମୋ ନ ହେବ ଲଙ୍ଘିତ
ନଷ୍ଟେ ପ୍ରାଣେଶ୍ୱର
ହେବେ ସତ୍ୟବାନ ସ୍ଥିର ମୋହର । ୬୨ ।
କୁଂପାପାତ୍ର ହେଲେ ରଞ୍ଜନାଙ୍କର
ହେବ ନଷ୍ଟେ ଲୋକ ହସ୍ତ-କଙ୍କର
ପଙ୍ଗୁପର ବୁଦ୍ଧା ହେବ ସତତ
ଅଶ୍ରିବ ଖଳତା ଭୁଜଙ୍ଗବତ
ଉଭବେ ମନୁଷ୍ୟ
ପିତୃ-ମାତୃ-କୁଳ ହେବ ମା ! ଦୂଷ୍ୟ । ୬୩ ।
ଅଶିବଦାୟିନୀ ଅଟେ ଇନ୍ଦିରା
ବୁଦ୍ଧିକୁ ପ୍ରଥମେ କରେ ଅସ୍ଥିର
ବିନାଶେ ଅନ୍ତରୁଁ ମହତ୍ତ୍ୱ ଆଶା
ସାଗରୁଁ ଜନ୍ମି ବଢ଼ାଏ ପିପାସା
ନଷ୍ଟେ ସେହୁ ମନ
ନ ଲୋଡ଼ିଲେ ତାକୁ ମିଳେ ଆନନ୍ଦ । ୬୪ ।
ମୁହିଁ ଏକମାତ୍ର ନନ୍ଦିନୀ ତବ
କିପରି ମୋତେ ବ୍ୟାଘ୍ରୀ ମୁଖେ ଦେବ ?
ମୋତେ ନ ମାର ସେ ମନୁଷ୍ୟପଣ
ନାଶିବ, ତେଣୁ ଜୀବନ୍ତ ମରଣ

ରାଜର୍ଷିଙ୍କ କନ୍ୟା
ବୋଲି କପରି ବା ହେବି ମୁଁ ଧନ୍ୟା । ୬୫ ।
ତୁମ୍ଭ ମନ ବାଞ୍ଛା ପୂରିବ ପରେ
ଯେବେ ମୁଁ ହୃଦୟ ସଂଯତ କରେ
ତେବେ ସାହାଯ୍ୟ କରିବେ ଶଙ୍କରୀ
ନଚେତ ସେ ଦୁଷ୍ଟା ହେବ ମୋ କିଙ୍କରୀ
କହୁଅଛୁ ସତ
ତେଣୁ ଜନନି ! ନୁହ ମର୍ମାହତ । ୬୬ ।
ନଗରାଜକନ୍ୟା ପାର୍ବତୀ ସତୀ
ଯେସନ୍ତେ ବରିଲେ ପିତୃବନପତି,
ତେସନ୍ତେ ମୋର ପତି ସେ ତପୋଧନ
ହେଉଁ କ୍ଷୀଣାୟୁ ମୋ ସ୍ଥିରବଚନ
କେବେ ନ ଲଙ୍ଘିବ
ସତୀ ହେଲେ ପତି ନିଶ୍ଚେଁ ପାଇବ । ୬୭ ।

(ଉତ୍ତର ଭାଗ ।)

ଭୂପତି-ଶେଖର ଚଳିଲେ ସଗଣେ
ତପୋବନେ ସୁତା ନେଇ ସଙ୍ଗରେ
ମହାସମାରୋହେ ଦ୍ୱିରଦ-ଆରୋହେ
ଯେସନେ ଇନ୍ଦ୍ର ଐରାବତରେ । ୧ ।
ଜ୍ୟୋତିଷୀ ସନ୍ଦୋହ ଜ୍ୟୋତି ଶାସ୍ତ୍ର ଗାଇ
ଗଲେ ଆଗେ ଆଗେ ରାଜାଗହଣେ,
ବାଜ ବାରବାଜା କମ୍ପାଇ ଗଗନ
କମ୍ପାଇଲା ସୁର-ଅସୁରଗଣେ । ୨ ।
ନର୍ତ୍ତକୀନିକର ପ୍ରଭୁନାମ ଗାଇ
ଆରମ୍ଭିଲେ ନୃତ୍ୟ ନିର୍ବିଶେଷକେ,
ଜେମା ସନ୍ନିଧାନେ ଦେଖିଲେ ନାଚଏ
ମାନସ-ମୋହନ *ସୁହଲ୍ଲୀଷକେ । ୩ ।
ରାଜୋଚିତବେଶେ ଭୂଷିତ ଭୂପତି
ପ୍ରବେଶିଲେ କ୍ଷଣେ ତପସ୍ୟା ବନେ,
ଯହିଁ ଦ୍ୟୁମତ୍ସେନ ସଧର୍ମିଣୀସହ
ତପୁଛନ୍ତି ଧ୍ୟାୟି ଶ୍ରୀନାରାୟଣେ । ୪ ।
ବ୍ରହ୍ମତେଜେ ଦୀପ୍ତ ସୁପୂତରାଜର୍ଷି
ବାମେ ବସିଛନ୍ତି ସହଧର୍ମିଣୀ,
ସେବକ ସୁପୁତ୍ର ଯେସନେ ନନ୍ଦୀଶରେ
ପୂଜନ୍ତି ଶଙ୍କର ଶିବମୋହିନୀ । ୫ ।

---

* ସ୍ତ୍ରୀମାନଙ୍କର ଉତ୍ତମ ନୃତ୍ୟରଙ୍ଗ ।

OR 891.451/M2997A

Acc. no. 2317 dt: 3-1-58.

ବ୍ରହ୍ମଧ୍ୟାନ ନିଷ୍ଠ   ସେ ତାପସଶ୍ରେଷ୍ଠ
        ଋଜୁଭାବେ ଚର୍ମେ ଅଛନ୍ତି ବସି
ଛାଡ଼ି ଗୁଣତ୍ରୟ   ହୋଇ ବ୍ରହ୍ମମୟ
        ଦେଖୁଛନ୍ତି ମୁନି ବୈକୁଣ୍ଠ-ଶଶୀ । ୬ ।
ପ୍ରକାଶିଲେ ରାଜା   ତପୋବନୋଚିତ
        ଶାନ୍ତିରସେ ମଣ୍ଡି ଶୁଭସମୟ,
ପାରିଷଦଗଣ   ଲଭିଲେ ସ୍ଥିରତା
        ଠେଳିଲେ ଆତଙ୍କ ମାତଙ୍ଗ ତ୍ରୟ । ୭ ।
ସାବିତ୍ରୀ ସୁନ୍ଦରୀ   ଦେଖି ଋଷିପୁତ୍ରେ
        ପ୍ରେମେ ଆବରିଲେ ହୃଦମନ୍ଦିର
ଯେସନେ ସୀତା ଦେବୀ   ଧନୁର୍ଭଙ୍ଗକାଳେ
        ରାମେ ଦେଖି ପ୍ରେମେ ହେଲେ ଅଧୀର । ୮ ।
ଚିରାଭ୍ୟାସ ମୋହ—   ବଶେ ସାଧ୍ୱୀ
        ଜନକ-ଜନନୀ-ସ୍ନେହକରଣ
ନ ପାରି ବିସ୍ମରି   ହେଲେ ଶୋକଯୁକ୍ତା
        ଯେସନେ କାମଯୁକ୍ତ ମହର୍ଷିମନ । ୯ ।
କିଛିକ୍ଷଣେ ମୁନି   ଧ୍ୟାନ ଭଙ୍ଗକରି
        ମେଲିଲେ ନୟନ ଦେହ ଚଞ୍ଚଳ
କରିଣ ଇନ୍ଦ୍ରିୟେ   ନିଜ ନିଜକର୍ମେ
        ନିଯୋଜିଲେ ରାଜହୃଦ-ସମ୍ବଳ । ୧୦ ।
ପ୍ରଣମିଲେ ସର୍ବେ   ଗୋଟି ଗୋଟିହୋଇ
        ନିବେଦିଲେ ସ୍ୱୀୟ ନାମ ସଭିର

ହୋଇ ଅଚମ୍ଭିତ ଜିଜ୍ଞାସିଲେ ମୁନି
କପାଁ ପଦାର୍ପିଲ କହ ହେ ବୀର । ୧୧ ।
ଦେଇ କୁଶାସନ ବସାଇଲେ ଭୂପେ
ପାରିଷଦସହ ଆନନ୍ଦମନେ,
ପୁଚ୍ଛିଲେ କାହିଁ ହେ ଏ ପର୍ଣ୍ଣକୁଟୀରେ
କି ହେତୁ ଆସିଲ ସହସ୍ୱଜନେ । ୧୨ ।
ନାହିଁ ରକ୍ଷୋଭୟ ତବ ଅନୁଗ୍ରହେ
ନ ହୁଅଇ ତପୀ ତପ-ବାଧିତ,
ତେବେ ବୀରବାଜା କପାଇଁ ବଜାଅ
ଦୁଷ୍ଟିତପଶାନ୍ତି ସୁପୁଣ୍ୟବ୍ରତ । ୧୩ ।
କହ ସବିଶେଷି ନୃପକୁଳଶଶୀ
କପାଇଁ ଅତିଥି ହେଲ ହେ ମମ । ୧୪ ।
ଜାଣି ତାରେ ମନ ହୁଏ ଉଦବର୍ତ୍ତ
କହ ନୃପବର ଦେବେନ୍ଦ୍ରସମ ।
ଅତିଥିସତ୍କାର ସମାପି ମହର୍ଷି
ବସିଲେ ଆସନେ ରାଜାର ସହ
ବିଜ୍ଞାପିଲେ ଭୂପ ସମସ୍ତ ବିଜ୍ଞାପ୍ୟ
ଶୁଣି ମୁନିବର ହେଲେ ସଭୟ । ୧୫ ।
ଶୁଣ ହେ ରାଜନ କି ହେତୁ ମଗନ
କରିବ ସୁତାରେ ଘୋର ଦୁଃଖରେ
ବହୁଦକ୍ଷି ସାଧି ଲଭିଲ ଯେ ନିଧି
ସମପରିଣାମ ଦୁର୍ଭାଗ୍ୟ ନରେ । ୧୬ ।

ଆମ୍ଭେ ବିଷୟତ୍ୟାଗୀ ଫଳମୂଳଭୋଗୀ
 ମହାଦୁଃଖେ କାଳ କାଟୁଁ ନିତି,
ନାହିଁ ବିଷୟେ ଇଚ୍ଛା କେବଳ ମୁମୁକ୍ଷା
 ଗାଇବୁ ହେ ବସି ବିଶ୍ୱେଶଗୀତି । ୧୭ ।
ତୁମ୍ଭେ ମହାରାଜ ସୁଖ ପ୍ରଜାପୁଞ୍ଜ
 ଧରାଶ୍ରୀ ରାଜଶ୍ରୀ ଧାରଣ କରେ
ମହାସୁଖେ କାଳ କାଟ ଅବିରଳ
 ନାହିଁ ଚିନ୍ତା ଭବ ଭଳେ ମନରେ । ୧୮ ।
କୁଶ-ପୂର୍ଣ୍ଣସ୍ଥାନ ଏ ଘୋର ବିପିନେ
 ଭ୍ରମିଲେ ରକ୍ତାକ୍ତ ଶକ୍ତ-ଚରଣ
ସେ ରାଜକନ୍ୟକା— କୋମଳ-ଚରଣ
 ସହିବ କି ଏଥି ଘୋରକଷଣ । ୧୯ ।
ଅତିଥିସତ୍କାର ବ୍ରତହିଁ ଆମ୍ଭର
 ପ୍ରାଣପଣେ ସର୍ବେ କରୁ ଯତନ
ସେ ନବଙ୍ଗୀ ବାଳା କୋମଳଶରୀର
 ଭୀମ ପରିଶ୍ରମ ନୁହେ ସହିବ । ୨୦ ।
ନରଭୋଜୀ ଜୀବେ ଆମ୍ଭ ସହଚର
 ବନବାସୀ ହେତୁ ନ ହୁଏ ଭୟ,
ସେ ଭୀରୁ କୁମାରୀ ହୋଇ ବନଗୃହୀ
 ଦେଖି ବନ୍ୟଜୀବେ ହେବ ଅଥୟ । ୨୧ ।
ତ ସତ୍ୱରେ ଭୂପ କର ହେ ଏ ରୂପ
 ଅସମ୍ଭବକୃତ୍ୟ ଅସାର୍ଥଯୋଗ

ସହିତ କି କେବେ ତେଜ ଯୋଗ୍ୟବର
ଘର୍ଷଣରେ କରେ କାହାରି ଭୋଗ । ୨୨ ।
ନ କର ନ କର ହେ ନୃପପ୍ରବର
ଏହୁ ମୋର ବାରମ୍ବାର ପ୍ରାର୍ଥନ
ଅବଳା ନନ୍ଦନ ମହାପାପୁଁ ହୀନ
ତେବେ କାହିଁ ବନେ କର ପ୍ରେରଣ । ୨୩ ।
ତାହା ଶୁଣି ରାଜା ଉତ୍ତରିଲେ ମୁନେ
ନ କର ଏପରି କେବେ ବିଚାର
କଷ୍ଟେ ମୋର କନ୍ୟା ଅତି ସୁକୁମାରେ
କହିବ ହେ ମୁନେ ସ୍ଥିର ତାହାର । ୨୪ ।
ସେ କନ୍ୟାରତନ ସ୍ତ୍ରୀ-ଶିରୋମଣି
ସତ୍ୟବାନେ ଦେଖି କହନ୍ତି ସତ୍ୟ
ସେ ଅଟଳ ମନ ନୁହେ ଟଳିବାର
ନିଶ୍ଚୟେ କହିବ ଏ କଥା ତଥ୍ୟ । ୨୫ ।
ସତୀ-ନାରୀମନ ହେ ମୁନିସତ୍ତମ
କଷ୍ଟ ଦେଖି ସୁଦ୍ଧା ନ ଭୁଲେ କେବେ
କୁମୁଦିନୀ ସତୀ ଦେଖି ଜନ୍ୟ ରବି
* ହୀନକଳଚନ୍ଦ୍ରେ ଭୁଲେ କି ଏବେ । ୨୬ ।
ସତ୍ୟ ଜାଣିବାର ହେ ମୁନିପ୍ରବର
ଗ୍ରହ ମୋ ଦୁହିତା କର ପରିବ

* ଯେଉଁ ଚନ୍ଦ୍ରର ପକ୍ଷେ କଳାହୀନ ହୁଏ ।

ଏ ସମ୍ବନ୍ଧ ମୋର ଅଟଳ ଶଙ୍କର
ହେଉ ହେ ସୁଚିର ଶୋକ-ରହିତ । ୨୬ ।
ସ୍ନେହବଶେ ନୃପ ମୁନିଦମ୍ପତିଙ୍କ
ଜ୍ଞାପିଲେ ଦେବର୍ଷିପୁଣ୍ୟଭାଷଣ
ଭାବାନ୍ତରେ, ଯଥା ଊର୍ଦ୍ଧ୍ୱ-ଉପଳ
ଧରା-ଆକର୍ଷଣ କରେ ଜ୍ଞାପନ । ୨୮ ।
ଅଦୃଷ୍ଟ ସୁଭୋଗ ତବ କ୍ରୋଧନେତ୍ରେ
ହୁଏ ବିପରୀତ କୁଭୋଗ ତଥା,
ତବ ଆଶୀର୍ବାଦେ ମୁନେ ଅପ୍ରମାଦେ
ଭୋଗୁ ସତ୍ୟବାନ ଚିର ଦୁହିତା । ୨୯ ।
ଏହା କହି ରାଜା ସମର୍ପିଲେ କନ୍ୟା
ମୁନିଶ୍ରୀଚରଣେ ପ୍ରସନ୍ନମନେ ।
ଗାନ୍ଧର୍ବବିବାହେ ପତି ସତ୍ୟବାନ
ଗ୍ରହିଲେ ସାବିତ୍ରୀ ଅତିଯତନେ । ୩୦ ।
ସର୍ବେ ହରିଧ୍ୱନି ଦେଇ ଆଶିଷିଲେ
ମହାପ୍ରେମେ ନିତ୍ୟ କାଟ ହେ କାଳ,
ମୁନି ମୁନିପତ୍ନୀ ଆଶିଷିଲେ ସୁଖେ
ବଧୂସହ ନେଇ ପବିତ୍ର-କୋଳ । ୩୧ ।
ବାହୁଡ଼ିବା କାଳେ ସେ ନୃପତିବର
ଦେଲେ କନ୍ୟାଧନେ ସୁଉପଦେଶ,
ଅଗୋ ସତୀଶ୍ୱରି ବିଧାତା-ବିଧାନେ
ଲଭିଲୁ ସ୍ୱଇଚ୍ଛାମତ ଜୀବେଶ । ୩୨ ।

ନ କରି ଭାବନା   ମହାପ୍ରେମେ ଢାଳ
  କାନ୍ତି ପତିସେବା କର ନିୟତ ।
ମହର୍ଷି ଶ୍ୱଶୁରେ   ସେବ ପୂତ କରେ
  ତୁଅ ଆଶୀର୍ବାଦଯୋଗ୍ୟା ସତତ । ୩୩ ।
ଅମର୍ତ୍ତ୍ୟ-ପ୍ରସାଦେ   ପାଇଲ ମା ତୋତେ
  ସେ ଅମର୍ତ୍ତ୍ୟ ତୋର ଚିର ସହାୟ
ତୁଅନ୍ତୁ ଲୋ ସତି   ଏହି ମୋ ଆଶୀଷ
  ସତ୍ୟବତି ! ଯାହା ସେ ସତ୍ୟମୟ । ୩୪ ।
ଉପୀତଯୌବନ   ସୁପବିତ୍ର ସ୍ନାନ
  ହୋଇଣ ତାପସୀ ତୁଅ ଅମର୍ତ୍ତ୍ୟ
ପବିତ୍ର କର ମା   ଅପୁତ୍ରିକ ପିତା
  ପ୍ରସୂତ ସହିତ ଏ ବିଶ୍ୱମୂର୍ତ୍ତି । ୩୫ ।
ତୁଅନ୍ତେ ନିବୃତ୍ତ   ତପ ଅଂଶଭାଗୀ
  ରାଜରାଜେଶ୍ୱର ତୁରଙ୍ଗପତି,
ଚଳିପିଲେ ସର୍ବେ   ମଉନାବଲମ୍ବି
  କଲେ ଶୋକେ ରାଣୀ ତାରଭାରତୀ । ୩୬ ।
କୋଳେ ଧରି ସୁତା   ଚଳିପିଲେ ସତୀ
  ଧରେଶ୍ୱରୀ ଧରାପତି-ମୋହିନୀ
ତୋ ବିନୁ ସାବିତ୍ରୀ   ପାପୀ ହୃଦ ସମ
  ହେଲ ଗୋ ଅନ୍ଧାର-ବାସ ମେଦିନୀ । ୩୭ ।
ଦିଅ ମା ! ବିଦାୟ   ଚିର ଦିନ ପାଇଁ
  ମୋ ନେତ୍ର-ପୁତଳୀ ହୃଦ-ସଙ୍ଗାଳି

ତୋ ପଦ୍ମ ବଦନ   ହେଲା ଅନ୍ତର୍ଦ୍ଧାନ
        ହବାସିଲି ବନଯରଃ ସମ୍ଭାଳ । ୩୮ ।
କହୁଣ ଏତିକି   କେତକୀବରଣୀ
        ହେଲେ ମୋହଗତା ଭୂମି ଉପରେ
ସେତିକିଲେ ସାବିତ୍ରୀ   ସୁପ୍ରବାଦ ଭରେ
        ଫେରିଗଲେ ନୃପ ଦୁଃଖମନରେ । ୩୯ ।
ଧର ଭୂକାନ୍ତରେ   ଦୁହିତା ଜାମାତା
        ବୁଝାଇଲେ ନୃପ-କୁଳ-ଈଶ୍ୱର,
ସୁଖେ ଦୁଃଖେ ସମ   ହୋଇ ଏକପ୍ରାଣ
        ସ୍ମର ବଲ୍ଲଭନାମ ହୁଅ ଅମର । ୪୦ ।
ବଦାନ୍ୟ ହୋଇଣ   ରାଜା ପାଦପଦେ
          ପ୍ରଣମିଲେ ମୁନି ମୁନିମୋହନୀ
ରାଜ୍ୟ ଅଭିମୁଖେ   ଚଳିଲେ ନୀରବେ
        ଭବି ଭବି ଜେମା ଗୁଣଶାଳିନୀ । ୪୧ ।
ଋଷି ଋଷିପତ୍ନୀ   ବସି କୁଶାସନେ
          ତପିଲେ ବିଧାତା ତପୀ-ସମ୍ପଦେ
ସତୀ ସତ୍ୟବାନ   ନିରନ୍ତର ସେଥି
        ସେବିଲେ ଆନନ୍ଦେ ପୂତ ଶ୍ରୀପଦେ । ୪୨ ।
ଯାଙ୍କ ଜନ୍ମ ହେତୁ   ଘୋରବନେ ବାସ
        ନ ହେଲା କଷଣ ସତୀ-ବିଗ୍ରହେ
ଯେସନ୍ତେ ସୀତା ସ୍ୱାମୀ—   ସହ ବନାକଷ୍ଟେ
        ଭ୍ରମୁଥିଲେ ଘୋରବନେ ନିର୍ଭୟେ । ୪୩ ।

ରଜା ରାଜରାଣୀ ଭାବ କେତେଦିନ
ଶୁଣାଇଲେ ସର୍ବ-ପୂର୍ବ-ବୃତ୍ତାନ୍ତ
ପ୍ରତିଲଭ ଆଶେ ପ୍ରଭୁ ଶ୍ରୀଚରଣ
ସେବି ଅବିରତ ହେଲେ ସୁଶାନ୍ତ । ୪୪ ।
ବନ୍ୟ ଫଳ ମୂଳ ସମିଧ ସଂଗ୍ରହେ
ଗମେ ସତ୍ୟବାନ ଘୋର ଅରଣ୍ୟେ
ସତୀ ଶିରୋମଣି ସାବିତ୍ରୀ ଶୋଭନା
ସେବଇ ଶ୍ୱଶୁର-ଶ୍ୱଶ୍ରୂ-ଚରଣେ । ୪୫ ।
ଏହିମତେ କେତେ କାଳ ନିରବଧେ
କାଟିଲେ ବିପିନେ ରାଜକୁମାରୀ
ପ୍ରବେଶିଲା ଆସି ଦୈବର୍ଷି-କଥିତ-
ଦିନ ସମ୍ମୁଖର ହୋଇଣ ପାଇ । ୪୬ ।
ଯେସନ୍ତେ କାଦମ୍ବିନୀ ସଙ୍ଗେ ସଙ୍ଗେ ଆସେ
କ୍ଷଣପ୍ରଭାସଙ୍ଗ ବଜ୍ର ନଗାଇ
କିମ୍ବା ଋତୁରାଜ ବସନ୍ତର ସଙ୍ଗେ
ଆସେ ଗିରୀଷମ ସୁଖ ନଦାଇ । ୪୭ ।
ବାହାରିଲେ ମୃତ— କୁମର ଗହନେ
କୁଶ ସମିନ୍ଧନ ସଂଗ୍ରହ ଆଶେ
ଛାୟା କାୟାରୂପ ଚଳିଲେ ସାବିତ୍ରୀ
ଧରି ଦକ୍ଷଭୁଜ ପ୍ରାଣେଶପାଶେ । ୪୮ ।
କହାଇଲେ ଭର୍ତ୍ତା ହେ ରାଜଦୁହିତା
କର କିଁପା ଅବଗୀତକରଣ,

ବୃଦ୍ଧ ପିତାମାତା   ସେବା ପରିତ୍ୟଜି
ଯିବ ମୋର ସଙ୍ଗେ ଗହନବନେ । ୪୯ ।
"ସେ ଗହନବନେ   ଦୁର୍ଲ୍ଲଭ ସୁପନ୍ଥା
ଅଛି ଅସମ୍ଭବ ଅବଳାଗତି,
ଯାଅ ଗୋ ଲେଉଟି   ଅଳପ ସମୟେ
ଆସିବି ମୁଁ ତବ ସମୀପେ ସତି,
ଯେବେ ମନ୍ତ୍ରମୁଗ୍ଧ   ଶସ୍ତ୍ରଭଜଙ୍କର
ଆସନ୍ତି ଗୋ ଯଜ୍ଞସ୍ଥାନେ ତଡ଼ିତ" । ୫୦ ।
ଭାଷିଲେ ଶୋଭନା   ଏହି ମୋ ପ୍ରାର୍ଥନା
ଆଜି ତୁମ୍ଭ ସଙ୍ଗେ ଯିବି ନିଶ୍ଚୟ
ନିଜ ଅଙ୍ଗସମ   ରହି ସଙ୍ଗେ ସଙ୍ଗେ
ସେବିବି ହେ ତବ ଚରଣ ଦ୍ୱୟ । ୫୧ ।
ସମାପି ସପର୍ଯ୍ୟା   ଆସିଅଛୁ ଏଥି
ନ କର ହେ ଚିନ୍ତା କିଞ୍ଚିତ ମନେ
ପୂରିଅ ପ୍ରାଣେଶ   ଏହି ଇଚ୍ଛା ମମ
ସୁଖୀ ହେବି ଆଜ ତବ ଗହନେ । ୫୨ ।
ଚଳିଲେ ଦମ୍ପତି   ଘୋର ଅରଣ୍ୟାନୀ
ହୋଇଣ ବିହ୍ୱଳ ପ୍ରେମଆଖ୍ୟାନେ,
ମଧ୍ୟେ ମଧ୍ୟେ ଭାବି   ଭାବ ବିଭୁନାମ
ମଣିଲେ ସୁଗମ୍ୟ ଅଗମ୍ୟସ୍ଥାନେ । ୫୩ ।

ଅବା ମୁନିବେଶେ ଯୁଧିଷ୍ଠିର ରାଜା
କୃଷ୍ଣାସହ ଗଲେ ଘୋର ଅରଣ୍ୟେ,
କିମ୍ବା ରଘୁପତି ସକେତଙ୍କ ସଙ୍ଗ
ଗମେ ସ୍ଥାନାନ୍ତରେ ଗ୍ରୀଷ୍ମାଗମନେ । ୫୪ ।
ପ୍ରଦେହିଣ ସଙ୍ଗ ଆହରିଲେ ଭକ୍ଷ
ଫଳ ମୂଳ ଋଷିଯଜ୍ଞସାଧନ,
ଅବା ଶୈଳସୁତା ପିତାର ଆଦେଶେ
କଲେ ଶିବପୂଜା-ପୁଷ୍ପ ଚୟନ । ୫୫ ।
କେତେକ୍ଷଣ ପରେ ଆକ୍ରମିଲା ପୀଡ଼ା
ସତ୍ୟବାନ-ଶିରେ ଅତିକଠୋରେ
ପଡ଼ିଲେ ମହର୍ଷି— ନୟନ ସୁପ୍ତ
ସତୀଶିରୀ ଜାନୁକ୍ରୋଡ଼େ ବକ୍ଷେରେ । ୫୬ ।
ଧରିଲେ ଶୋଭନା ଶୁଭ ଭୁଜାନ୍ତରେ
ପ୍ରାଣ-ସମ ସ୍ୱାମୀ ଋଷିନନ୍ଦନେ,
କି ଅବା ମାଧବୀ ଉତ୍ପାଟିତ ଭୂମି—
ସ୍ଥିତ-ମହୀରୁହେ ବେଷ୍ଟିଲେ ଘନେ । ୫୭ ।
ଦେଖି ପତିକଷ୍ଟ ପତିପରାୟଣା
ଲଭିଲେ କଷ୍ଟିତ ଶମର୍ଷ ସଙ୍ଗ
ସେ ଚନ୍ଦ୍ରବଦନ ଲଭିଲା ମାଲିନ୍ୟ
ଯେସନ୍ତେ ଶୀତରାତ୍ରି-ରଜନୀପତି । ୫୮ ।
ଯେ ଅମଙ୍ଗ-ବରେ ଭୂମିଷ୍ଠା ସୁନ୍ଦରୀ
ସେ ଦେବୀଙ୍କି ହୃଦେ କରିଲେ ଧ୍ୟାନ .

ଅହେ ସତୀଶ୍ୱର ଯେବେ କଲ ନାରୀ
ସତୀପତିସେବା କର ବିଧାନ । ୬୯ ।
ସେବ ଧୀରେ ଧୀରେ ପତିବ୍ରତା ଦେବୀ
ପତି-ପାଦପଦ୍ମ କରକମଳେ
କମ୍ପିସିଲେ କରୁ ଜାଣିବା ଇଚ୍ଛାରେ
ନ ପାଇ ଉତ୍ତର ଭସିଲେ ଜଳେ । ୭୦ ।
ନାସିକାରେ କର ନିବେଶି ସୁନ୍ଦରୀ
ଦେଖିଲେ ନିଶ୍ୱାସ ନ ବହେ ଆଉ
ରମ୍ଭାବୃକ୍ଷ ସମ ଦେହ ସୁଶୀତଳ
ଗ୍ରସଇ ସଂସାରବହ୍ନିଃଷ୍ଟ-ବାୟୁ । ୭୧ ।
ପ୍ରମଦା-ସତୀତ୍ୱ- ପିଞ୍ଜରରେ ସ୍ୱାମୀ-
ପ୍ରାଣ-ବିହଙ୍ଗମ ରହିଲା ଗୂଢ଼େ,
ଈଶ-ସ୍ମୃତିମଧ୍ୟେ ଜୀବ-ଅଭ୍ୟୁଦୟ
ବସିଥାଏ ଯଥା ଗୁପତେ ଦୃଢ଼େ । ୭୨ ।
ଧରି ପତିଶିର ନିଜ ପୂତକରେ
ସ୍ମରିଲେ ବିଧାତା ସତ୍ୟସ୍ୱରୂପ
ଧର୍ମରାଜଗଣେ ଦେଖି ସତୀତେଜ
ଦୂରୁଁ ସେହି ନିବେଦିଲେ ଜଳୁପ । ୭୩ ।
ହେ ଜନ୍ତୁ-ଈଶ୍ୱର ସେ ଋଷିକୁମର
ପଡ଼ିଛି ହେ ଏକ ରମଣୀ ଅଙ୍କେ
ସେ ରମଣୀ-ତେଜେ ହେଲୁ ଦୃଷ୍ଟିହୀନ
ସେହିଲୁଁ ସବବେ ଅତିସଙ୍କେ । ୭୪ ।

ଜାଗେ ଜମୁନାଥ ଧରି ଭୀମବେଶ
ବାହାରିଲେ ସତ୍ୟବାନ ନିକଟେ,
କରେ ଭୀମଦଣ୍ଡ ରୂପ ସୁପ୍ରଚଣ୍ଡ
ବୁଲାଇଣ ରକ୍ତନେତ୍ର ବଙ୍କଟେ । ୬୫ ।
ସବ୍ୟକରେ ଜୀବ- ମରଣ-ପଞ୍ଜିକା
ଶିରେ ମୁକୁଳିତ କେଶନିକର
ଅଙ୍ଗେ ରକ୍ତବସ୍ତ୍ର ଅଛି ଭିଡ଼ା ଗାଢ଼
ପ୍ରବେଶିଲେ କ୍ଷଣେ ସତୀପାଶର । ୬୬ ।
ଅମା-ଅନ୍ଧକାର ବିନାଶି ଭାସ୍କର
ଯେବେ ହୋନ୍ତି ଧରି ଶୁଭ୍ରମୂରତି
ଚରାଚରଗଣେ ନିଦ୍ରାରୁ ଉଠାଇ
ଅରପନ୍ତି ପୁଣି ନୂଆ ଶକତି । ୬୭ ।
ସେ ସୂର୍ଯ୍ୟ ନନ୍ଦନ ହେଲେହେଁ ଶମନ
ପ୍ରବେଶିଲେ କରି ଚୈତନ୍ୟ ନାଶ
ମହାନିଦ୍ରା-କୋଳେ ରଖନ୍ତି ସକଳେ
କରନ୍ତି କୁପୁତ୍ରଗୁଣ ପ୍ରକାଶ । ୬୮ ।
କରି ଘୋର ରଡ଼ି ସେ ସୂର୍ଯ୍ୟ-କୁମର
ଭଷିଲେ ଲୋ ନାରି ଛାଡ଼ ତୋ ଜିଦ୍
ମନେ କରିଛୁ କି ଧରି ବସିଥିବୁ
ଚିରକାଳ ବଶେ ବାଡ଼ମ୍ଭି ବଧୂ । ୬୯ ।
ନ ଜାଣୁ କି ବିଶ୍ୱ— ବାସି-ଜୀବଗଣ
ମୃତ୍ୟୁଶୀଳ ନଷ୍ଟେ ହେବ ମରଣ

ତେବେ ମୃତେ ସ୍ନେହ କଣ ବସିଅଛୁ
ଛାଡ଼ ଲୋ ସାବିତ୍ରି ତୋ ପ୍ରାଣଧନ । ୬୮ ।
ଦେଖ ଦେଖ ଏହି ପଞ୍ଜିକା ମୋ କରୁ
କେତେ ଜୀବ ନାଶି ଅଛିଛୁ କତି
ସେଥି ସଙ୍ଗେ ମୃତ କ୍ଷୀଣାୟୁ ତୋ ପତି
ହୋଇଛି ସାବିତ୍ରି ତେଜ ନଇତି । ୬୯ ।
ଶୁଣି କ୍ରୂର ବାଣୀ ସତୀ-ଶିରୋମଣି
ନିର୍ଭୟେ ପ୍ରଶ୍ନ କଲେ ଶମନେ
କହୋ ଜଳୂଗ୍ରଣ ଏ ବଢ଼ ବସ୍ତ୍ର
ନିକେ ଅସିଅଛ ତେଜ ସ୍ୱଗଣେ । ୭୦ ।
ଭଲ ପରକାଶି ଏବା କେଉଁ ସୀତ
ଯେବେ ନେବ ତବ ଏ ଅଭିଳାଷ
ଲଅ ମୋର କୋଡ଼ୁଁ ହେ ପରେତରାଟ
ସତୀନାରୀ ପ୍ରେତ-ପୁର-ନିବାସ । ୭୧ ।
ଧର୍ମଠାରୁ ବଳି ପରମ ସହାୟ
ନାହିଁତ ଜଗତେ ହେ ଧର୍ମରତ
ତ୍ରିଭୁବନ ପ୍ରଭୁ— ଲୀଳା ସୃଷ୍ଟିସ୍ଥିତ
ହୋଇଛି କେବଳ ଧର୍ମେ ସତତ । ୭୨ ।
ଧର୍ମ ବ୍ୟତିକ୍ରମ ଘଟିଲେଟି କାଳେ
ପରମେଶ ନିଜେ ମୂର୍ତ୍ତି ଗ୍ରହଣ
କରି ଭୂମଣ୍ଡଳେ ପରକାଶି ଲୀଳା
କରନ୍ତି ଧର୍ମ-ସେତୁ ପାଳନ । ୭୩ ।

ଧର୍ମ ରକ୍ଷା ପାଇଁ ତୁମ୍ଭେ ମଧ୍ୟ ଯତ୍ନ
କରୁଛ ହେ ନିରପେକ୍ଷ ଶମନ
ବିଶ୍ୱବାସୀଗଣ ସତର୍କ ହେବାକୁ
ନିତି ମୃତ୍ୟୁଦୂତ କର ପ୍ରେରଣ । ୭୪ ।
ତେବେ ଧର୍ମରାଜ ! ଶୁଣୁଁଛି କପଟ
ପତିବ୍ରତା-ପତି ନେବାକୁ ଦୂରେ
ଅନ୍ଧ ତପୋଧନେ ଦେବ ଘୋରଦୁଃଖ
କହ କେଉଁ ଗତି ଏ ଭବ ପୁରେ । ୭୫ ।
ଶୁଣି ସତୀବାଣୀ ଦଣ୍ଡଧର କାଳ
ଭାଷିଲେ ଗମ୍ଭୀର ବାଣୀ ସକଳ
କମ୍ପାଇ ଭ୍ରୂଯୁଗ ଅଧରୋଷ୍ଠଦ୍ୱୟ
ତୁଲାଇ ତୁଲାଇ ଦଣ୍ଡ ପ୍ରବଳ । ୭୬ ।
ପତି ତବ ଅତି ସୁବିଦିତ ଯତି
ହୃଦସ୍ଥ ବ ତାଙ୍କ ଅଗତ ପୂତ
ସସମ୍ମାନେ ତାଙ୍କୁ ନେବା ପାଇଁ ମୁହିଁ
ଆସିଅଛୁ ନିଜେ ନ ପେଷି ଦୂତ । ୭୭ ।
ସତ୍ୟବାନ ଆୟୁ ଏତିକ ଲୋ ସତି
ସୁଯୋଗ୍ୟ ବିଶ୍ୱର କରିଲା ବିଧି
ନ ବଞ୍ଚିବ ସେହୁ ତେବେ ମୃତଦେହେ
ମନେ କରୁ କିପାଁ ଏ ମୋର ନିଧି । ୭୮ ।
ସର୍ବେ ବିଧିବଶ ସେ ସ୍ଥିର ଆଦେଶ
ଲଙ୍ଘିବ କେ ସତି କହ ବିଶ୍ୱରୁ

ପ୍ରାଣବାୟୁ-ଦାନ   ନୁହେ ମୋ କରଣ
    ତେଜ ପ୍ରାଣଧନ ଭଳ ପାପାଇ । ୭୯ ।
ସତ୍ୟବାନ-ତପ   ଏତେକ ଦୂର ଗେ
    ଶୋକଲେ ତ ଆଉ ବେଶୀ ମିଳିବ
ତୋ ସତ୍ତ-କରଣ   ବଢ଼ତ ଭୁବନେ
    ଛାଡ଼ ଗୋ ଶୋଭନେ ତୋ ଜୀବଜୀବ ।୮୦ ।
ଭାଷିଲେ ସାବିତ୍ରୀ   କଥା ସାନ୍ତପଦେ
    ହୁଏ ପରିତୃପ୍ତ କହନ୍ତି ବୁଧ
ତେଣୁ ମୁହିଁ ଏଥି   ହେଲି ଚିନ୍ତାକଳ
    ମୋ ଜଣାଣ ବାରେ ଶୁଣ ବିବୁଧ । ୮୧ ।
ଜନନୀ ସଙ୍ଗରେ   ଜୀବମାନଙ୍କର
    ଯେରୂପ ସମ୍ବନ୍ଧ ସବୁତ ଜାଣ
ଅପର ଆଶ୍ରମ   ସେହିରୂପ ବନ୍ଧା
    ଗୃହସ୍ଥାଶ୍ରମରେ ତଥି ବିଧାନ । ୮୨ ।
ଗୃହସ୍ଥାଶ୍ରମଟି   ସବୁ ଆଶ୍ରମରୁ
    ଶ୍ରେଷ୍ଠ ବୋଲି କହୁଛନ୍ତି ମହତ
ତେଣୁ ତପୋଧନେ   ଗୃହ ଧର୍ମ ପାଳି
    ହୋଇଛନ୍ତି ନିତ୍ୟ ତପସ୍ୟାରତ । ୮୩ ।
ଧର୍ମରୂପ ଦେହେ   ପ୍ରେମ ଉତ୍ତମାଙ୍ଗ
    ପ୍ରେମହୀନ ଧର୍ମ ଅଟେ କବନ୍ଧ
ନିତ୍ୟ ତୃଷ୍ଣାହୀନ   ଶିବଙ୍କୁ କେବଳ
    ବାମଜାନୁ କଲା ପ୍ରେମ ନିର୍ବନ୍ଧ । ୮୪ ।

ପ୍ରେମ-ଡୋରେ ଧ୍ରୁବ ପ୍ରହ୍ଲାଦ ନଳକୁ
ଶ୍ରୀଧରଙ୍କ ସଙ୍ଗେ ବାନ୍ଧିଲେ ଦୃଢ଼େ
ଯେତେ ଯତ୍ନ କର ହେ ଧର୍ମରାଜନ
କାଟିବାକୁ କ୍ଷମ ନ ହେଲେ ମୂଢ଼େ । ୮୫ ।
ପ୍ରେମ-ବନ୍ଧନଟି ଅଚ୍ଛେଦ୍ୟ ଦୃଢ଼
ନାହିଁ ତ୍ରିଭୁବନେ କେ ବଳୀଆର
ଛଡ଼ାଇବ ତାହା ଯେରୂପ କୌଶଳେ
ଅବଳା ବୋଲି କି ଭୁଲାଇ ପାର । ୮୬ ।
ପ୍ରେମରେ ଉଦୟେ ଋଷିଅଙ୍କୁଁ ବନ୍ଧା
ଯେତେ ଯତ୍ନ କର ହେ ଜଗୁସାଇଁ
ସ୍ୱାମୀ ମୋର ପ୍ରାଣ ହଣି ବୋଲି ଜାଣ
କେତେବେଳେ ତାହା ଛଡ଼ିବ ନାହିଁ । ୮୭ ।
ନଷ୍ଟେ ଯିବ ତେଣେ ଯେଉଁ ଆଡ଼କୁ ହେ
ଟାଣିବେ ପଶ୍ୱଣ ବନ୍ଧୁ ମୋହର
ଦେଖୁଅଛ ପ୍ରଭୋ ରବି-ଆକର୍ଷଣ
ଧରଣୀ କି କେବେ ପାରେ ଛିନ୍ନର । ୮୮ ।
ତୁମ୍ଭ କୃପା ହେଲେ ହେ ଦୟାସାଗର
ହୋଇପାରେ ସବୁ ପରିବର୍ତ୍ତିତ
ଲୋଡ଼ିଲେ ତପର ଶକ୍ତିର ଆଧାରେ
ମୃତ ପଶୁମିନି ହେଲେ ଜୀବିତ । ୮୯ ।
ପତିଶେଷେ ସତୀ କହିଲେ ହେ ଦେବ
କେବେହେଁ ନ ଛାଡ଼ିବ ମୋ ପ୍ରାଣଧନ

ପତି-ଶ୍ରୀଚରଣ— ସେବା ସାଧନ
ଯେବେ କେବ ହୃଦେ ନାଥ ବଚନ ।୯୦।
ଯେଷ୍ଣେ ଗୁପ୍ତବେଶୀ— କିପ୍ରଭୁର ବାଣୀ
ଖଣ୍ଡିଣ ପାବଂଗ ପୂର୍ଣ୍ଣ-କାମନା
ହେଲେ, ତେଷ୍ଣେ ସତୀ ଦଣ୍ଡଧରବାଣୀ
ଖଣ୍ଡିଣ କରିଲେ ପୂର୍ଣ୍ଣ ବାସନା ।୯୧।
ଅନନ୍ୟଉପାୟେ ଯମୁନା-ସୋଦର
ହେଲେ ଶାନ୍ତମୂର୍ତ୍ତି ସେ ତପୋବନେ
ତୋ ସତୀତ୍ୱେ ତୁଷ୍ଟ ମାଗ ବର ଶିଷ୍ଟ
ସତ୍ୟବାନେ ତ୍ୟଜି ଯେ ଇଚ୍ଛା ମନେ ।୯୨।
ତୁମ୍ଭେ ବରଦାତା ବାଗୀଶ ମହନ୍ତ
ମୁଁ ନତ୍ୟ ଭିକ୍ଷଂଶି ଶ୍ରୀପଦେ ତବ ।
ଯେବେ କଲ ସତ୍ୟ ଦିଅ ତିନ ବର
ପ୍ରାର୍ଥିତ ମୋହର ହେ କଳୁଭବ ।୯୩।
ପ୍ରଥମ ବର ଏ ମୋ ଶ୍ୱଶୁର ଦେବ
ଅନ୍ଧ ହୋଇ କାଳ କାଟନ୍ତି ବନେ
କର ଚକ୍ଷୁଦାନ ହେ ବଦାନ୍ୟବର
କରନ୍ତୁ ନିଯୁକ୍ତ ରାଜ୍ୟ ଶାସନେ ।୯୪।
ଦ୍ୱିତୀୟେ ସୁନ୍ଦରୀ ପ୍ରାର୍ଥିଲେ ହେ ଦେବ
ମୋ ପିତା ଅପୁତ୍ର ଦିଅ ସନ୍ତାନ
ହୋଇ ବୀରବର ଶାସିବେ ଧରଣୀ
ହୋଇ ଆୟୁଷ୍ମନ୍ତ ହେବେ ମହାନ ।୯୫।

ଭୁଞ୍ଜନ୍ତୁ ମୋ ପିତା ସତ୍ୟବାନ ସଙ୍ଗେ
 ହେବେ ପୁତ୍ରଶତ ହେ ସତ୍ୟବନ୍ତ
ଏଅ ବର ଦିଅ ମୁଁ ତବ ଛନ୍ଦସି
 ପୂରୁଅ ହେ ମମ ଏ ମନୋରଥ । ୯୬ ।
ଶୁଣି ତତକ୍ଷଣେ ସେ ଜନୁରଞ୍ଜନ
 ନ ଦେଖି ଉପାୟ ହେଲେ ସମ୍ମତ
ସତୀ-ନାରୀ-ମନ ନୁହେ ଟଳିବାର
 ଯେସନ୍ତେ ପୟୋଧରଧର ପର୍ବତ । ୯୭ ।
ହେଲେହେଁ ଶମନ ଧର୍ମେଶ, ସତୀତ୍ୱ-
 ଆବରଣ-ଭେଦେ, ଗତଶକତ
ଯଥା ଇଶ-ମାୟା- ଭେଦନେ ଅକ୍ଷମ
 ବିବୁଧ ଅମର ସ୍ୱର୍ଗବସତ । ୯୮ ।
ତପସ୍ୱିଗଣର ଦୁସ୍ତର ସାଧନ
 ହୁଅଇ ତିଲୋକେ ଯେସନ୍ତେ ଦୁର୍ଜୟ
ତେସନ୍ତେ ଅବଳାଙ୍କ ପତିବ୍ରତା-ଗୁଣ
 ନିର୍ଭୟେ ସର୍ବତ୍ର ଲଭେ ବିଜୟ । ୯୯ ।
ଅନ୍ତର୍ଦ୍ଧିଲେ କାଳ କରି ବରଦାନ
 ପ୍ରବେଶିଲେ ଯାଇଁ ନିଜ ଭବନେ
ବଖାଣିଲେ ତଥି ସମସ୍ତ ବୃତ୍ତାନ୍ତ
 ଶୁଣି ଅଚମ୍ଭିତ ହେଲେ ସ୍ୱଗଣେ । ୧୦୦ ।
ଉଠି ସତ୍ୟବାନ ଭାଷିଲେ କାନ୍ତାରେ
 ତ ହେତୁ ବସିଛ ଏ ଘୋରବନେ

ବୃଦ୍ଧ ପିତାମାତା ଗୃହେ ବସିଥିବେ
ଗୃହ ଗୃହ ନେଇ ଯଜ୍ଞସାଧନେ । ୧୦୧ ।
ଭଣି ଗୂଢ଼ଭାବେ ସାବିତ୍ରୀ ସୁନ୍ଦରୀ
ସେସବୁ ବୃତ୍ତାନ୍ତ ପ୍ରସନ୍ନମନେ
ଚଳିଲେ ଦମ୍ପତି ଆଶ୍ରମ ସମୀପେ
ଋଷିଋଷିପତ୍ନୀ ଗଲ୍ପ କଥନେ । ୧୦୨ ।
ପ୍ରବେଶିଣ ତହିଁ ସେ ଋଷିକୁମର
ଦେଖି ପିତାଙ୍କର ନୂଆ ନୟନ
ଭାବ ଭାବ ମନେ ନ ପାଇଲେ ଅନ୍ତ
ଚିନ୍ତା-ସାଗରେ ତହୁଁ ହେଲେ ମଗନ । ୧୦୩ ।
ଦେଖି ଦୃଷ୍ଟିଶକ୍ତି ରଚଣ ସମାଧି
ଜାଣିଲେ ମହର୍ଷି ବଧୂକାରଣ
ମନେ ମନେ ଅତି ଆନନ୍ଦ ଲଭିଣ
ପ୍ରକାଶିଲେ ଶେଷେ ସେ ବିବରଣ । ୧୦୪ ।
ନିଜ ରାଜ୍ୟ ଦୂତ ଜଣାଇଲେ ଆସି
ହେଲେଣି ଲୁପ୍ତ ବିପକ୍ଷ ଦଳ
ନଅ ରାଜ୍ୟଭାର ଧର୍ମ ଅବତାର
ପ୍ରଜାପୁଞ୍ଜ ହେଉଛନ୍ତି ବିକଳ । ୧୦୫ ।
ତବ ସୁଶାସନ ଭାବ ଭାବ ସର୍ବେ
ଡାକୁଥିଲେ ନିତ୍ୟ ବିଶ୍ୱକାରଣେ
ସେ ଇଚ୍ଛା ସମ୍ପ୍ରତି ହେଲା ଫଳବତୀ
ବସେ ଜୋଲୁ ଗମ୍ ସେ ସିଂହାସନେ । ୧୦୬ ।

ତହୁଁ ରାଜା ରାଣୀ ଭାବିଲେ ମନରେ
ରାଜଲକ୍ଷ୍ମୀ ଅବା କରୁଣା କର
ବଧୂରୂପେ ବଳ ତାପ ଅନୁଭବ
ଦେଲେ ପୁଣି ରାଜ୍ୟ ବୈଭବ ସରି । ୧୦୭ ।

ସେହୁଦିନୁ ଦେବୀ ସତୀ ଶିରୋମଣି
ହେଲେ ଭାବନୀୟା ସର୍ବ ଜନର
ରଖିଲେ ଏ ନର— ସଂସାରେ ଅମର
ଅକ୍ଷୟ କୀରତି ରମଣୀବର । ୧୦୮ ।

ନାରୀକୁଳେ ଧନ୍ୟା ନାରୀକୁଳେ ମାନ୍ୟା
ଅଶ୍ୱପତି-କନ୍ୟା ଯମେ ବିଜୟ
କହଣ ସତୀତ୍ୱେ ଉଦ୍ଧାରିଲେ ପତି
ହେଉ ଏହା ନାରୀ-ଶିକ୍ଷାବିଷୟ । ୧୦୯ ।

ସମାପ୍ତ ।

National Library,
Calcutta-27

Printed by H. K. Das. Chandrodaya Press, Cuttack